# ପାରିବାରିକ କୃଷିରେ କୃଷି ବିଜ୍ଞାନ କେନ୍ଦ୍ରର ଭୂମିକା

■ ଡା. ରନ କୁମାର ମହାନ୍ତି ■ ଶ୍ରୀ ଦିଲ୍ଲୀପ ରନ ଷଡଙ୍ଗୀ ■ ଶ୍ରୀମତୀ ସୁଜାତା ସେଠୀ

ଭାରତ ସରକାରଙ୍କ ତରଫରୁ ଆମ ଦେଶର ପ୍ରତି ଜିଲ୍ଲାରେ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠିତ ହୋଇଛି । କୃଷକ, କୃଷିଜୀବୀ ମହିଳା ଓ ଯୁବ ବର୍ଗଙ୍କ ଆର୍ଥିକ ଉତ୍‌ଥାନ ପାଇଁ ଏମାନେ ସତତ ଚେଷ୍ଟିତ । ଆନ୍ତର୍ଜାତିକ ପାରିବାରିକ କୃଷିର ବର୍ଷ-୨୦୧୪ର ଆହ୍ୱାନ 'ପାରିବାରିକ କୃଷି' ପ୍ରସଙ୍ଗ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମକୁ ଅଧିକ ସମୟ ଉପଯୋଗୀ କରି ପାରିବ । କୃଷିରେ ପରିବାରର ପୁରୁଷ, ମହିଳା ତଥା ପିଲାମାନଙ୍କର ସାମୂହିକ ନିୟୋଜନ କରି ତାଙ୍କର ଉନ୍ନତି କରିବା କୃଷି ବିଜ୍ଞାନ କେନ୍ଦ୍ରର ଆଭିମୂଖ୍ୟ । ପାରିବାରିକ କୃଷି ପରିବାର, ଗ୍ରାମ ତଥା ଦେଶର ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ପରିବାରର ସମସ୍ତ ସଦସ୍ୟ ଯେଉଁ କୃଷି ଓ ଆନୁସଙ୍ଗିକ କାର୍ଯ୍ୟକ୍ରମରେ ନିୟୋଜିତ ହୋଇ ନିଜର ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ବିକାଶ ଘଟାଇଥାନ୍ତି, ତାକୁ ପାରିବାରିକ କୃଷି କୁହାଯାଏ । ଏଥିରେ ବିଭିନ୍ନ ଧରଣର ଚାଷ / କୃଷି, ବନ୍ୟ ଓ ବନ୍ୟଜାତ ଦ୍ରବ୍ୟ, ମାଛ ଚାଷ, ପଶୁ ପାଳନ ତଥା ଜଳଜାତ ଦ୍ରବ୍ୟ ଅନ୍ତର୍ଗତ ଯାହାକି ପରିବାରର ସଦସ୍ୟମାନଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । ପାରିବାରିକ କୃଷିରେ ବଳକା ସମୟର ସଦୁପଯୋଗ ହୋଇଥାଏ, ଏହାଛଡା ସମ୍ବଳର ମଧ୍ୟ ସଦୁପଯୋଗ ହେବା ସହିତ ପରିବାରରେ ସ୍ନେହ ମମତା ବଢେ ଏବଂ ଚାଷ ପ୍ରତି ଆଗ୍ରହ ଦେଖାଯାଇଥାଏ । ଏହି ପାରିବାରିକ କୃଷି କେବଳ ବିକାଶଶୀଳ ଦେଶରେ ନୁହେଁ, ବିକଶିତ ଦେଶମାନଙ୍କର ବିକାଶରେ ମଧ୍ୟ ଅତୁଳନୀୟ ଭୂମିକା ରଖିଥାଏ । ପୃଥିବୀରେ ପ୍ରାୟ ୫୦ କୋଟି କୃଷକ ପରିବାର ଅଛନ୍ତି ଯେଉଁମାନେ ଆମର ୭୦ ପ୍ରତିଶତ ଖାଦ୍ୟ ଶସ୍ୟ ଯୋଗାଇଥାନ୍ତି ।

## କ'ଣ ଓ କାହିଁକି ?

ପାରିବାରିକ କୃଷିର ଭୂମିକା ରାଷ୍ଟ୍ରର ବିକାଶ ପାଇଁ ନିହାତି ଜରୁରୀ । ଏବେ ଇଉରୋପ ମହାଦେଶର ଶତକଡା ୫୦ ଭାଗ ଚାଷୀ ପାରିବାରିକ କୃଷି ଅବଲମ୍ବନ କରିଥାନ୍ତି । ଭାରତଭଳି ବିକାଶଶୀଳ ଦେଶମାନଙ୍କରେ ଏହି ସଂଖ୍ୟା ୭୦ରୁ ୮୦ ପ୍ରତିଶତ ହୋଇଥାଏ ଏବଂ ଏହାଦ୍ୱାରା କ୍ଷୁଧା ଓ ଦାରିଦ୍ର୍ୟର ଦୂରୀକରଣ କରାଯାଇ ପାରିବ । ପାରିବାରିକ କୃଷକମାନେ ବିଶ୍ୱର ସବୁଠାରୁ ଅଧିକ ପ୍ରକାର ଗଛଲତା ଏବଂ ପ୍ରାଣୀସଂପଦ ମଧ୍ୟ ରଖିଛନ୍ତି । ସେଥିପାଇଁ ମିଳିତ ଜାତିସଂଘ ୨୦୧୪ ମସିହାକୁ 'ଆର୍ନ୍ତଜାତିକ ପାରିବାରିକ କୃଷିର ବର୍ଷ' (IYFF) ଘୋଷଣା କରିଛି । ଏହା ଖାଦ୍ୟ ଓ କୃଷି ଅନୁଷ୍ଠାନ (FAO) ତଥା ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ସଂସ୍ଥାନ ଦ୍ୱାରା ପାରିବାରିକ କୃଷି ତଥା କ୍ଷୁଦ୍ର ଚାଷୀ ମାନଙ୍କୁ ପ୍ରୋତ୍ସାହନ ଦେବାପାଇଁ ଗୁରୁଭାର ଦିଆଯାଇଛି । ଏଥିପାଇଁ କୃଷି, ପରିବେଶ ତଥା ସାମାଜିକ ନୀତିକୁ ଏହି କୃଷକମାନଙ୍କୁ ସୁହାଇଲା ଭଳି କରାଯିବ ଯେପରିକି ଦେଶର ସନ୍ତୁଳିତ ବିକାଶ ହୋଇପାରିବ । ଏହି ବର୍ଷରେ କ୍ଷୁଦ୍ରଚାଷୀ ତଥା ପାରିବାରିକ କୃଷକ ମାନଙ୍କର ସୁବିଧା ଅସୁବିଧାକୁ ନିର୍ଣ୍ଣୟ କରି ଦେଶ, ରାଜ୍ୟ ତଥା ଆନ୍ତରାଷ୍ଟ୍ରୀୟ ସ୍ତରରେ କିପରି ଏମାନଙ୍କର ଅବସ୍ଥା ସୁଧାରି ହେବ ତଥା ସେମାନେ କିପରି ଅଧିକ ସୁବିଧା ସୁଯୋଗ ପାଇପାରିବେ ସେଥିପାଇଁ ବ୍ୟବସ୍ଥା କରିବାକୁ ଚେଷ୍ଟା କରାଯିବ । ଏହା କିପରି କ୍ଷୁଧା ଓ ଦାରିଦ୍ର୍ୟକୁ ଦୂର କରିବ, ଖାଦ୍ୟ ନିରାପତ୍ତା ଓ ପୋଷଣ, ଜୀବିକାର୍ଜନର ପଦ୍ଧତିର ବିକାଶ, ପ୍ରାକୃତିକ ସମ୍ବଳର ସଠିକ୍ ବିନିଯୋଗ, ପରିବେଶର ସୁରକ୍ଷା ତଥା ସାମୂହିକ ବିକାଶ କରିପାରିବ ସେଥିପାଇଁ ସଠିକ୍ ରାସ୍ତା ନିର୍ଣ୍ଣୟ ତଥା ସାମର୍ଥ୍ୟ / ଦକ୍ଷତାର ସଠିକ୍ ଉପଯୋଗ କରିବା ଦରକାର ।

ପରିବାରର ସମସ୍ତ ସଦସ୍ୟ ସମୂହଭାବେ କୃଷିକାର୍ଯ୍ୟରେ ଅଂଶୀଦାର ହେବାରୁ ପାରିବାରିକ ମୂଲ୍ୟବୋଧ ବଢାଇଥାଏ ଏବଂ ପାରସ୍ପରିକ ନିର୍ଭରଶୀଳତା ଶିକ୍ଷା ଦେଇଥାଏ । ଏହା ପ୍ରତିଶ୍ରୁତି ପାଳନ କରିବା ଏବଂ ଅଧ୍ୟବସାୟର ମହତ୍ତ୍ୱ ଶିଖାଇଥାଏ । ମହିଳାମାନେ ଘରର କାମ ସମ୍ଭାଳିବା ସହିତ କୃଷିରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ।

ପରିବାରର କେହି ଅଗ୍ରଣୀ ଚାଷୀ ଉତ୍ସର୍ଗୀକୃତ ମନୋଭାବ ନେଇ ଆଗକୁ ବଢିଲେ ପରିବାରର ଆର୍ଥିକ ଅବସ୍ଥା କ୍ରମଶଃ ଉନ୍ନତ ହୋଇଥାଏ । ଏହା ବ୍ୟକ୍ତିଗତ ସଫଳତା ଉପରେ ଯୋର ଦେବା ସହ ପାରିବାରର ଉନ୍ନତିର ପଥ ଦେଖାଇଥାଏ ।

ବର୍ତ୍ତମାନର ଦରଦାମ୍ ପରିସ୍ଥିତିରେ ସମନ୍ୱିତ ପୋଷକତତ୍ତ୍ୱ ଥିବା ଖାଦ୍ୟପଦାର୍ଥ ଖାଇବା ସମସ୍ତଙ୍କ ପକ୍ଷରେ ସମ୍ଭବପର ହୋଇନଥାଏ । କିନ୍ତୁ ପାରିବାରିକ କୃଷି ଦ୍ୱାରା ସମନ୍ୱିତ ପୋଷକତତ୍ତ୍ୱ ଥିବା ଖାଦ୍ୟପଦାର୍ଥ ଅତି ଅଳ୍ପ ପରିଶ୍ରମ ଓ ମୂଲ୍ୟରେ ମିଳେ ଏବଂ ପାରିବାରିକ ପୋଷଣରେ ଉନ୍ନତି ହୋଇଥାଏ ।

କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ସମୟ ଉପଯୋଗୀ ପରାମର୍ଶ, ବିଭିନ୍ନ ଉନ୍ନତ ଜ୍ଞାନ କୌଶଳ ବିଷୟରେ ଚାଷ କାରିବାର ଶିକ୍ଷା ଓ ପ୍ରୋତ୍ସାହନ ଏହାର ମୂଳଦଣ୍ଡକୁ ଅଧିକ ଦୃଢ କରିବ । କୃଷି ବିଜ୍ଞାନ କେନ୍ଦ୍ରର ପ୍ରଚେଷ୍ଟା ତଥା କୃଷକ ଭାଇ ଭଉଣୀ ମାନଙ୍କର ମିଳିତ ସହଯୋଗ ପରିବାରିକ କୃଷିକୁ ଆଗକୁ ନେଇ ପାରିବ ତଥା ପରିବାର ଏବଂ ଦେଶର ଖାଦ୍ୟ ନିରାପତ୍ତା ବଜାୟ ରଖିବା ସହିତ ପାରିବାରିକ ସଂଗଠନର ତଥା ଦେଶର ବିକାଶ କରି ପାରିବ ।

କୃଷି ବିଜ୍ଞାନ କେନ୍ଦ୍ର,
ରାଷ୍ଟ୍ରୀୟ ଧାନ ଗବେଷଣା ଅନୁଷ୍ଠାନ,
କଟକ